ୱାଇ.ଆର୍. ଭେରାନା

ବନାମ

କର୍ଣ୍ଣାଟକ ରାଜ୍ୟ ଏବଂ ଅନ୍ୟମାନେ

ମଇ 7, 1997

[କେ. ରାମସ୍ୱାମୀ, ଏସ୍. ସାହିର ଅହମ୍ମଦ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିବୃନ୍ଦ]

*କର୍ଣ୍ଣାଟକ ଭୂମି ସଂସ୍କାର ଅଧିନିୟମ , 1961:*

*ଧାରା 44 ଏବଂ 48-A – ଅଧିଭୋଗୀ ଲିଜ୍ ଧାରକ – ଅଧିକାର ସ୍ୱୀକୃତି ପାଇଁ ଫର୍ମ 7ରେ ପିତାଙ୍କ ଦ୍ୱାରା ଆବେଦନ – ପିତା ନୁହେଁ, ପୁଅମାନେ ଜମିର ଚାଷ ଅଧିକାରରେ ଅଛନ୍ତି – ଦର୍ଶାଯାଇଛି, ଆବେଦନ ନିମ୍ନ ନ୍ୟାୟାଳୟଗୁଡ଼ିକ ଦ୍ୱାରା ଯଥାର୍ଥ ଭାବରେ ପ୍ରତ୍ୟାଖ୍ୟାନ କରାଯାଇଥିଲା – ଯେହେତୁ ଭୁଲ ସ୍ଥିତି ଯୋଗୁଁ ଆବେଦନ ଦାଖଲ କରାଯାଇଥିଲା, ତେଣୁ ପୁଅମାନେ ଫର୍ମ 7ରେ ଆବେଦନ କରିପାରିବେ ଏବଂ ସେହି ପରିସ୍ଥିତିରେ ସୀମାବଦ୍ଧତାକୁ ସେମାନଙ୍କ ଦାବି ପ୍ରତ୍ୟାଖ୍ୟାନ ପାଇଁ ଏକ କାରଣ ଭାବରେ ଗ୍ରହଣ କରାଯାଇପାରିବ ନାହିଁ ।*

ଦେୱାନୀ ଅପିଲ କ୍ଷେତ୍ରାଧିକାର: ସ୍ୱତନ୍ତ୍ର ଅନୁମତି ଆବେଦନ (ସି) ସଂଖ୍ୟା 11352-53/1997 ।

ଏଲ୍.ଆର୍.ଆର୍.ପି. ସଂଖ୍ୟା 2179/88 ଏବଂ ସି.ପି. ସଂଖ୍ୟା 499/1996ରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କର 10.6.96/6.1.97 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଜି.ଭି. ଚନ୍ଦ୍ରଶେଖର ଏବଂ ପି.ପି. ସିଂହ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ବିଳମ୍ବକୁ କ୍ଷମା କରିଦିଆଯାଇଛି ।

ଏହା ଏକ ନିର୍ବିବାଦିତ ସତ୍ୟ ଯେ, କର୍ଣ୍ଣାଟକ ଭୂମି ସଂସ୍କାର (ସଂଶୋଧନ) ଅଧିନିୟମ ମାର୍ଚ୍ଚ 1, 1974ରୁ କାର୍ଯ୍ୟକାରୀ ହୋଇଥିଲା । ଆବେଦନକାରୀ *କର୍ଣ୍ଣାଟକ ଜିଲ୍ଲାର କେ.ଆର୍. ନଗର ତାଲୁକରେ* ଅବସ୍ଥିତ 13 ଏକର ଏବଂ 24 ଗୁଣ୍ଠ ଜମି ପାଇଁ ନିଜକୁ ଅଧିଭୋଗୀ ଲିଜ୍ ଧାରକ ବୋଲି ଦାବି କରିଥିଲେ । ଯେତେବେଳେ ସେ ଜଣେ ଭୋଗଦଖଲ ରୟତ ଭାବରେ ତାଙ୍କର ଅଧିକାରକୁ ସ୍ୱୀକୃତି ଦେବା ପାଇଁ ଫର୍ମ-7ରେ ଆବେଦନ କରିଥିଲେ, ନ୍ୟାୟାଧିକରଣ ତାଙ୍କ ପୁଅମାନେ ଜମି ଚାଷ କରୁଥିବା କାରଣରୁ ତାଙ୍କ ଦାବିକୁ ଖାରଜ କରିଦେଇଥିଲେ । ଏହା କୁହାଯାଇଥିଲା ଯେ, ଆବେଦନକାରୀ ଜମି ଚାଷ କରୁନଥିବାରୁ ସେ ଫର୍ମ-7ରେ ଆବେଦନ ଦାଖଲ କରିପାରିବେ ନାହିଁ ଏବଂ ତେଣୁ ସେ ଏକ ସୁରକ୍ଷିତ ରୟତ ଭାବରେ ବିବେଚିତ ହେବାର ହକଦାର ନୁହଁନ୍ତି । ସେହି ଆଦେଶ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଏଲ.ଆର୍.ଆର୍.ପି. ସଂଖ୍ୟା 2179/88 ଏବଂ ସି.ପି. ସଂଖ୍ୟା 499/96ରେ ଜୁନ୍ 10, 1996 ଏବଂ ଜାନୁଆରୀ 6, 1997ରେ ନିଶ୍ଚିତ କରାଯାଇଥିଲା । ତେଣୁ, ଏହି ସ୍ୱତନ୍ତ୍ର ଅନୁମତି ଆବେଦନ ।

ଏହି ତଥ୍ୟକୁ ଦୃଷ୍ଟିରେ ରଖି ଯେ, କର୍ଣ୍ଣାଟକ ଭୂମି ସଂସ୍କାର ଅଧିନିୟମର ଧାରା 44 ଏବଂ 48-A (ସଂକ୍ଷେପରେ, 'ଅଧିନିୟମ') ଅନୁଯାୟୀ ଚାଷ କରୁଥିବା ଜଣେ ରୟତ ଦାବି କରିବାକୁ ହକଦାର, ସେ ନିଜେ ସ୍ୱୀକାର କରି ଦର୍ଶାଇଛନ୍ତି ଯେ, ସେ ଜମି ଚାଷ କରୁ ନଥିଲେ, ତେଣୁ ଆବେଦନକାରୀଙ୍କ ଭୋଗଦଖଲ ରୟତ ଭାବରେ ଅଧିକାରକୁ ଯଥାର୍ଥ ଭାବରେ ପ୍ରତ୍ୟାଖ୍ୟାନ କରାଯାଇଥିଲା । ତାଙ୍କର ସ୍ଥିତି

ହେଉଛି ସହ-ମାଲିକ ପରି, ମିଳିତ ପରିବାରର କର୍ତ୍ତା ଏବଂ ଏହିପରି ସେ ତାଙ୍କ ପୁଅମାନଙ୍କ ପକ୍ଷରୁ ଏହାକୁ ଦାଖଲ କରିଥିଲେ ଏବଂ ପୁଅମାନେ ପରିବାର ପକ୍ଷରୁ ଜମି ଚାଷ କରୁଥିଲେ; ଯେହେତୁ ଏହି ଜମି 1957 ମସିହାରେ ଆବେଦନକାରୀ ଏବଂ ତାଙ୍କ ଭାଇଙ୍କ ମଧ୍ୟରେ ବିଭାଜନରେ ପ୍ରାପ୍ତ ହୋଇଥିଲା, ଏହା ମିଳିତ ପରିବାର ସମ୍ପତ୍ତି ଅଟେ । ଏହି ସତ୍ୟକୁ ଦୃଷ୍ଟିରେ ରଖି ଯେ, ସେ ବ୍ୟକ୍ତିଗତ ଭାବରେ ନିଜ ପ୍ରଦର୍ଶନରେ ଜମି ଚାଷ କରୁ ନାହାଁନ୍ତି, ନ୍ୟାୟାଧିକରଣ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନଥିଭୁକ୍ତ କରାଯାଇଥିବା ଫଳାଫଳ ଆଇନର କୌଣସି ସ୍ୱଷ୍ଟ ତ୍ରୁଟି ଦ୍ୱାରା ଅସିଦ୍ଧ ହୁଏ ନାହିଁ । କିନ୍ତୁ, ଭୁଲ ସ୍ଥିତି ଯୋଗୁଁ ଫର୍ମ-7ରେ ଆବେଦନ ଦାଖଲ କରିବାକୁ ପଡ଼ିଲା । ତାଙ୍କୁ ଜଣେ ସୁରକ୍ଷିତ ରୟତ ଭାବେ ଏହି ଦାବି କରିବାର ଅଧିକାରରୁ ବଞ୍ଚିତ କରାଯାଇଥିଲା । ଯଦି ମାର୍ଚ୍ଚ 1, 1974ରେ ସଂଶୋଧନ ଅଧିନିୟମ କାର୍ଯ୍ୟକାରୀ ହେବା ପୂର୍ବରୁ ପୁଅମାନେ ପ୍ରକୃତରେ ଦଖଲଦାର ଭାବରେ ଜମି ଦଖଲ କରୁଥିଲେ, ତେବେ ପୁଅମାନଙ୍କ ପାଇଁ ଫର୍ମ-7ରେ ଏକ ଆବେଦନ କରିବାକୁ ଏବଂ ମାମଲାର ବିଚାର କରିବାକୁ ଉନ୍ମୁକ୍ତ ରହିପାରେ । ସ୍ୱତନ୍ତ୍ର ତଥ୍ୟରେ, ବିଧାନରେ ନିର୍ଦ୍ଧାରିତ ହୋଇଥିବା ସୀମାବଦ୍ଧତା, ସେମାନଙ୍କର ଦାବି ପ୍ରତ୍ୟାଖ୍ୟାନ ପାଇଁ ଏକ ଆଧାର ଭାବରେ ନିଆଯାଇପାରିବ ନାହିଁ ।

ଉପରୋକ୍ତ ମନ୍ତବ୍ୟ ସହିତ ସ୍ୱତନ୍ତ୍ର ଅନୁମତି ଆବେଦନକୁ ସେହି ଅନୁଯାୟୀ ଖାରଜ କରାଯାଇଛି ।

ଆର୍.ପି. ଆବେଦନ ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

ଅନୁବାଦକ
ସତ୍ୟରଞ୍ଜନ ସାମଲ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ